ISSN -2583-147X (P), **Vol.- 10, Issue No.II, May 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# 'ନାମ-ମାହାତ୍ମ୍ୟ' ଓ 'ସୂକ୍ଷ୍ମ ବିଚାର' ନାଟକର ଏକ ତୁଳନାତ୍ମକ ବିଚାର

**ଡକ୍ଟର ପ୍ରମିଳା ପାଟୁଳିଆ**

'ନାମ-ମାହାତ୍ମ୍ୟ' ନାଟକଟି ଶ୍ରୀ ଗୋପାଳ ଛୋଟରାୟଙ୍କ ରଚନା । ଏହି ନାଟକଟି ହାସ୍ୟାରସର ନାଟକ ସଂକଳନର ଅନ୍ତର୍ଭୁକ୍ତ ଏବଂ ଏହି ସଂକଳନରେ ସ୍ଥାନିତ ଅନ୍ୟ ହାସ୍ୟରସାତ୍ମକ ନାଟକଗୁଡ଼ିକ ହେଲା, ଯଥା- ବନନାସିକା, ଶେଷପର୍ଯ୍ୟନ୍ତ, ଜାଲ, ଦେଖାଦେଖି, କରୁଣାନିଧି, ମକଦ୍ଦମା, ବେଣୀବନ୍ଧନୀ, ମହିଳା ମଧ୍ୟବୟସ୍କା, ଡାକ୍ତର ଜ୍ୱାଇଁ । ଏହି ସଂକଳନଟି ୧୯୮୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ । ନାଟ୍ୟକାର ନାଟକର ମୁଖବନ୍ଧରେ ଉଲ୍ଲେଖ କରିଛନ୍ତି- ଓଡ଼ିଆ ନାଟ୍ୟସାହିତ୍ୟ ଓ ହାସ୍ୟରସାତ୍ମକ ନାଟକ- ଏ ଦୁଇ କଥାକୁ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଏହା ସ୍ୱଷ୍ଟ ପ୍ରତିପାଦିତ ହେବ ଯେ, ହାସ୍ୟରସାତ୍ମକ ନାଟ୍ୟ ରଚନା ଏକ ସୁଖପ୍ରଦ ପରୀକ୍ଷାଧର୍ମୀ ପ୍ରଚେଷ୍ଟା । ଏହାର ପ୍ରଥମ ପ୍ରକାଶ କାଳ ୧୯୮୧ ମସିହା ।

ଏହି ନାଟକର ମୁଖ୍ୟ ଚରିତ୍ର ଭାବରେ ସୁଧାକର ଯିଏ ପ୍ରାୟ କୋଡ଼ିଏ ବର୍ଷ ବୟସ୍କ, ସୁଦର୍ଶନ କିନ୍ତୁ ସ୍ୱଳ୍ପ ଶିକ୍ଷିତ ସାଧାରଣ ଯୁବକ । ଈଷତ୍ ଭାବପ୍ରବଣ ସୁଧାକର ଏ ନାଟକରେ ଗ୍ରାମରୁ ସହରକୁ ଚାକିରୀ ଉଦ୍ଦେଶ୍ୟରେ ଆସି ନବଘନ ଘରେ ଭଡ଼ାରେ ଅଛି । ତାଙ୍କ ପୁଅ ଶରତ ଜଣେ ସରକାରୀ ଅଫିସର । ସୁଧାକର ପଡ଼ୋଶୀ ଭାବରେ ଗୋପୀନାଥ, ତା' ସ୍ତ୍ରୀ ରମା ଓ ଛବି ଚରିତ୍ର ଅବତାର୍ଣ୍ଣ । ଛବି, ସାଧାରଣ ଗୃହସ୍ଥ ଘରର ସପ୍ତଦଶୀ ଅବିବାହିତ ଝିଅ । ସୁଧାକରର ଚାକିରୀ ପରେ ଉଭୟଙ୍କ ମଧ୍ୟରେ ବିବାହ ହେବା କଥା ସ୍ଥିର ହୋଇଛି । ଏ ନାଟକର ଅନ୍ୟ ଚରିତ୍ରମାନେ ହେଲେ ଫେରିବାଲା ଓ କାମକଳା । କାମକଳା, ବୟସ୍କା ପରିଚାରିକା, ଯାହାର କଥା ଓ ହସରେ ଘର ଭାଙ୍ଗି ପଡ଼େ ।

ସେହିପରି 'ସୂକ୍ଷ୍ମ ବିଚାର' ନାଟକଟିର ରଚୟିତା ହେଉଛନ୍ତି ରବୀନ୍ଦ୍ରନାଥ ଠାକୁର । ଏହା ଏକ ହାସ୍ୟକୌତୁକଧର୍ମୀ ନାଟକ । ଏହାର ପ୍ରଥମ ପ୍ରକାଶ କାଳ ବୈଶାଖ ୧୮୮୭ ଖ୍ରୀଷ୍ଟାବ୍ଦ । ଏହି ଧରଣର ତାଙ୍କର ଅନ୍ୟାନ୍ୟ ନାଟକଗୁଡ଼ିକ ହେଲା- ରୋଗର ଚିକିତ୍ସା, ରୋଗୀର ବନ୍ଧୁ, ରସିକ, ଭାବ ଓ ଅଭାବ, ପେଟେ ଓ ପିଠେ, ଛାତ୍ରେର ପରୀକ୍ଷା, ଚିନ୍ତାଶୀଳ, ଗୁରୁବାକ୍ୟ ଓ ଖ୍ୟାତିର ବିଡ଼ମ୍ବନା । ଦୁଇଟି ମାତ୍ର ଚରିତ୍ରକୁ ନେଇ ନାଟକଟି ଗତିଶୀଳ । ସେମାନେ ଚଣ୍ଡୀଚରଣ ଓ କେବଲରାମ । ଚଣ୍ଡୀଚରଣ ମଉସା ଭୂମିକାରେ ଅବତାର୍ଣ୍ଣ, ଯିଏ କେବଲରାମର ଜଟିଳ ପ୍ରଶ୍ନକୁ ସୂକ୍ଷ୍ମ ଭାବରେ ବିଚାର କରି କେବଲରାକୁ ବୁଝାଇବାରେ ସମର୍ଥ ହୋଇଛନ୍ତି । ପ୍ରଶ୍ନଟି ହେଲା କେବଲରାମର ଚଣ୍ଡୀଚରଣ ପ୍ରତି-

କେବଲରାମ- ମଉସା ଭଲ ଅଛନ୍ତି ? ଏହି ଗୋଟିଏ ପ୍ରଶ୍ନ ୪ ପୃଷ୍ଠାରେ ମୀମାଂସା ଶେଷ ହୋଇଛି । ଏହି ନାଟକରେ ଚଣ୍ଡୀଚରଣ ମଉସାଙ୍କ ଭୂମିକା ଥିଲା ବେଶି ଗୁରୁତ୍ୱପୂର୍ଣ୍ଣ ।

ଏହି ଦୁଇ ନାଟକରେ ସମବୟସ୍କା ଦୁଇଟି ବିପରୀତ ଚରିତ୍ର ଦେଖିବାକୁ ମିଳିଥାଏ । ଏହି ଦୁଇ ଚରିତ୍ର ହେଲେ 'କାମକଳା' ଓ 'ଚଣ୍ଡୀଚରଣ' । 'ନାମ- ମାହାତ୍ମ୍ୟ' ନାଟକର ଚରିତ୍ର କାମକଳା ନାମଟି 'ଅନୁରାଗ' ଅର୍ଥରେ ବ୍ୟବହୃତ ହୋଇଛି । କାମକଳା ହେଉଛି ଭଞ୍ଜ ନାୟିକା । ନାଟକରେ ଏହି ନାମଟି ପ୍ରଥମେ ସୁଧାକରକୁ ଭାବ ବିହ୍ୱଳ କରିଛି ପାଲାଗାୟକର ଛାନ୍ଦଗୀତ ମାଧ୍ୟମରେ । ନାଟକର ଶେଷ ପର୍ଯ୍ୟାୟରେ ରୂପଗୁଣର କାମକଳା ହୋଇ ସଚେତନତା ସୃଷ୍ଟି କରିପାରିଛି । ଶେଷରେ କାମକଳା ଚରିତ୍ରଟି ଭଞ୍ଜନଗରର ବୟସ୍କା ପରିଚାରିକା ଭାବେ ଚିତ୍ରିତ ।

ଯାହାର କଥାରେ ଝଣଝଣ କଂସାପିଟା ଶବ୍ଦ ଓ ଖୁନ୍ଦା ମାଡ଼ର ପ୍ରଭାବ ନାଟକଟିକୁ ବେଶ୍ ସରସ ସୁନ୍ଦର କରିପାରିଛି । ପରିଶେଷରେ ସୁଧାକର ମନରେ ଛବି ପ୍ରତି ଆଦର ବା ଅନୁରାଗ ସୃଷ୍ଟିରେ କାମକଳାର ମଧୁର ହସ ନାଟକଟିକୁ ମିଳନାତ୍ମକ କରିପାରିଛି ।

ସେହିପରି ରବୀନ୍ଦ୍ରନାଥ ଠାକୁରଙ୍କ 'ସୂକ୍ଷବିଚାର' ନାଟକର ମୁଖ୍ୟ ଚରିତ୍ର ହେଉଛନ୍ତି 'ଚଣ୍ଡୀଚରଣ' । ସେ ଏହି ନାଟକରେ କେବୋଲରାମର ମଉସା ଭାବେ ଅବତୀର୍ଣ୍ଣ । ନାଟକଟିରେ ବୟସ୍କ ଦୃଷ୍ଟିରୁ ଏହି ଦୁଇ ଚରିତ୍ର ବିପରୀତମୁଖୀ । ନାଟକରେ ଚଣ୍ଡୀଚରଣ ନାମ କହିଲେ ବୁଝାଏ, "ଗୋଟିଏ ମଣିଷ ମଧ୍ୟରେ, ଗୋଟିଏ ଉଜ୍ଜ୍ୱଳ ଶ୍ୟାମବର୍ଣ୍ଣ ମଣିଷ ବିଶେଷ ମଧରେ, ଗୋଟିଏ ପୂର୍ଣ୍ଣପରିଣତ ମଣିଷ ମଧ୍ୟରେ ତାର ଜନ୍ମକାଳରୁ ଆଜି ପର୍ଯ୍ୟନ୍ତ ଯେଉଁ ସକଳ ପରିବର୍ତ୍ତନ ଅହରହ ସଂଘଟିତ ହେଉଛି ଏବଂ ମୃତ୍ୟୁକାଳ ପର୍ଯ୍ୟନ୍ତ ହେବାର ସମ୍ଭାବନା ଅଛି, ସେହି ପରିବର୍ତ୍ତନ ଓ ପରିବର୍ତ୍ତନ ସମ୍ଭାବନାର କେନ୍ଦ୍ରସ୍ଥଳରେ ଯେଉଁ ଗୋଟିଏ ସଜ୍ଞାନ ଐକ୍ୟ ବିରାଜି କହୁଛି ତାକୁ ଗୋଟିଏ ଦଳ ଲୋକ ଅର୍ଥାତ୍ ସେହି ଲୋକମାନଙ୍କର ସଜ୍ଞାନ ଐକ୍ୟ ଚଣ୍ଡୀଚରଣ ନାମରେ ନିର୍ଦ୍ଦେଶ କରନ୍ତି ।" ଏହି ନାଟକର ପ୍ରାରମ୍ଭରେ ଚଣ୍ଡୀଚରଣ ମଉସାକୁ କେମିତି ଅଛନ୍ତି ଜାଣିବାକୁ କେବୋଲରାମ ତାଙ୍କୁ ଜିଜ୍ଞାସା କରିଛି, "ମଉସା ଭଲ ଅଛନ୍ତି ?" ଏହା ଏକ ଦ୍ୱନ୍ଦ୍ୱାତ୍ମକ ପ୍ରଶ୍ନ ହୋଇଥିବାରୁ ସେତେବେଳେ ଚଣ୍ଡୀଚରଣ ମଉସା ଏ ପ୍ରଶ୍ନର କୌଣସି ଉତ୍ତର ନଦେଇ କେବୋଲରାମକୁ ଜିଜ୍ଞାସା କରନ୍ତି, 'ଭଲ ଅଛନ୍ତି ମାନେ କ'ଣ ?' । କେବୋଲରାମର ଏ ପ୍ରଶ୍ନଟି ନିର୍ଦ୍ଦିଷ୍ଟ ନଥିବାରୁ ଚଣ୍ଡୀଚରଣ ତାକୁ ବାରମ୍ବାର ବିଭିନ୍ନ ପ୍ରଶ୍ନ ପଚାରି ବୁଝାଉଥାନ୍ତି ଯେ, 'ଭଲ ଅଛନ୍ତି' ପଚାରିବା ଠିକ୍ ନୁହେଁ । ଏଠାରେ ଚଣ୍ଡୀଚରଣଙ୍କର କହିବା ଅନୁସାରେ 'ମୁଁ କେମିତି ଅଛି ?' ଆଉ 'ମୋ ଶରୀର କେମିତି ଅଛି ?' ଏହା ସମାନ ନୁହେଁ । ତେଣୁ ଏହି ପ୍ରଶ୍ନ ଦୁଇଟିକୁ ନିର୍ଦ୍ଦିଷ୍ଟ କରି ବୁଝାଇବାକୁ ଯାଇ କେବୋଲରାମ ବହୁ ପ୍ରଶ୍ନରେ ଜର୍ଜରିତ ହୋଇଛି । ତେଣୁ ଏହି ନାଟକରେ ନିର୍ଦ୍ଦେଶ କରାଯାଇଛି ଯେ କୌଣସି ପ୍ରଶ୍ନ ପଚାରିବା ସମୟରେ ସଚେତନ ହୋଇ ସୂକ୍ଷ୍ମ ଭାବରେ ବିଚାର କରି ପଚାରିବାକୁ ଚଣ୍ଡୀଚରଣ ମାଧ୍ୟମରେ କୁହାଯାଇଛି । ନାଟକଟି ହାସ୍ୟକୌତୁକ ଶୈଳୀରେ ରଚିତ ହୋଇ ସାଧାରଣ ଜୀବନରେ ପ୍ରତିଫଳିତ ହୋଇଆସୁଥିବା ଭୁଲକୁ ସୂକ୍ଷ୍ମଭାବରେ ବିଚାର କରି ଦର୍ଶାଇବା ସହ ଉତ୍କଣ୍ଠା ସୃଷ୍ଟି କରିବାରେ ଯଥେଷ୍ଟ ସଫଳ ହୋଇପାରିଛି ।

'ନାମ- ମାହାତ୍ମ୍ୟ' ନାଟକରେ ସୁଧାକର କାଠଗଡ଼ା ସାହି ବାଦିପାଲା ଦେଖିବାକୁ ପାଇଥିଲା । ବାଦୀପାଲା ଗାୟକ ମହାଶୟ ଘଣ୍ଟାଘଣ୍ଟା ଧରି ଶହଶହ ଉପମା ଦେଇ ନାୟିକାର ରୂପଗୁଣ ଅନର୍ଗଳ ବୁଝାଉଥିଲେ ହେଲେ ସେସବୁ ସୁଧାକରର ଏ କାନରେ ପଶି ସେ କାନରେ ବାହାରିଗଲା । ଛାତି ଭିତରେ ଅଟକି ରହିଲା ସେଇ ଗୋଟିଏ କଥା- ଗୋଟିଏ ପଦ- ଗୋଟିଏ ନାଁ କାମକଳା । ମହାଶୟଙ୍କ କଣ୍ଠରୁ ଶୁଣିଥିବା ଛାନ୍ଦ ଗୀତ ପଦକୁ ଛଡ଼ାଇ ଆଣି ପଡ଼ୋଶୀଙ୍କ ସାମ୍ନାରେ ସାଧାରଣ ସ୍ୱରରେ ଗାଇଛି-

"କାମକଳା ବଳା ଶବଦେ ଚମକି ଉଠିଲା ବାରୁଣୀ କଟକ
ନଗ୍ରଜନେ କ୍ଷଣେ ଅଟକି ରହିଲେ ଦେଖି ସେ ବାଳାର ଛଟକ
କୁସୁମ, ମାଳା ସେ ଦେଇଛି ଲମ୍ବାଇ,
ମାଳା ଛଳେ କାମଦେବ ସତେ କି ବା
ବାଳିକା ଅଧର ଚୁମ୍ବଇ । ।"[୧]

ଏ 'କାମକଳା' ହେଉଛି ଭଞ୍ଜନାୟିକା । ଏହି କାମକଳା ନାଁଟି ପ୍ରତି ଏତେ ରସିକ ହୋଇଛି ଯେ ଛବି ନାଁଟିକୁ ହତାଦର କରିଛି । ରସିକ ସୁଧାକର କାମକଳା ନାଁକୁ ନେଇ କହିଛି- ହଁ ଗୋପୀ ଭାଇ, ଯାହା କିଛି ମାହାତ୍ମ୍ୟ, ତା କେବଳ ଏଇ ନାଁଟି ପାଇଁ । ଏତେ ନାଁ ତ ଦୁନିଆଁରେ ଅଛି- ଛବି, ଶୋଭୀ, ଚମ୍ପା, କନକ- ହେଲେ ଚଟ୍‌କରି ମନକୁ ଦୋହଲାଇ ଦେଲା ଭଳି ନାଁ ହେଲା- ଏଇ କାମକଳା ! ମୁଁ ତ ଭାବୁଛି, ଗାୟକ ମହାଶୟ ନାଚି, କୁଦି, ଚଅଁର ହଲେଇ ପଦେ ଛାନ୍ଦରୁ ଏତେ ଅର୍ଥ- ଅନର୍ଥ ବାହାର ନକରି, 'କାମକଳା'- କେବଳ ଏଇ ନାଁଟି କହି ଦେଇଥିଲେ- "ନଗ୍ରଜନେ କ୍ଷଣେ ଅଟକି ରହିଲା ପରି" ମୋ ପରି ଶହଶହ ସଭାଜନଙ୍କ ଆଖିର ପଲକ- ହାତର ନାଡ଼ି- ନାକର ନିଶ୍ୱାସ ସବୁ ଅଟକି ଯାଇଥନ୍ତା !!... କି ନାଁ ରେ ! କାମକଳା!!![୨] ଏହି କାମକଳା ନାଁଟି ପାଇଁ ପ୍ରକୃତ ଅବସ୍ଥା ହରାଇ ବସିଛି ସୁଧାକର । ଗୋପୀ ଭାଇ ଆଉଥରେ କହି- ଅଭାଗା ସୁଧାକର କାନରେ ସୁଧା ବର୍ଷେଇ ଦିଅ । ଏ ଇହ ସଂସାରର ସବୁକିଛି ମୁଁ ଭୁଲିଯିବି ହେଲେ କାମକଳା ନାଁଟି ମୋର ସବୁବେଳେ ମନେ ରହିବ ।

ସୁଧାକର କାମକଳା ପାଇଁ ଭାବବିହ୍ୱଳ ହୋଇ ରହୁଥିବା ଅବସ୍ଥାକୁ ଦର୍ଶାଇବା ପାଇଁ ନାଟ୍ୟକାର କଟକ ସହରକୁ ଗ୍ରହଣ କରିଛନ୍ତି । ଯଥା- କଟକ ସହର । ଏକ ମହଲା କୋଠାଘରର ଅଭ୍ୟନ୍ତର ବା ଅଗଣା ଓ ତତ୍‌ସଂଲଗ୍ନ ବାରନ୍ଦା । ସମୟ ମଧ୍ୟାହ୍ନ । ...ବାରନ୍ଦାର ଖୁଣ୍ଟକୁ ଆଉଜି ବସିଛି ସୁଧାକର । ଭାବାବିଷ୍ଟ ଦୃଷ୍ଟି ଶୂନ୍ୟରେ ଆବଦ୍ଧ ।... ପାଖରେ ଠିଆ ହୋଇଛି ଛବି । ସୁଧାକର ଏ ଅବସ୍ଥା ଦେଖି ଟିକିଏ ଉଦ୍‌ବିଗ୍ନ ହୋଇ ପଡ଼ିଚି ସତ; ମାତ୍ର ସେଇ ସଙ୍ଗେ ସଙ୍ଗେ ସେ ଏ ପରିସ୍ଥିତିରୁ କିଛିଟା ଆମୋଦ ମଧ୍ୟ ଅନୁଭବ କରୁଛି ।

ନାଟ୍ୟକାର ସୁଧାକରର ଏ ଅବସ୍ଥାକୁ ଦେଖି ପ୍ରକୃତ ଅବସ୍ଥାକୁ ଆଣିବାକୁ ଭଞ୍ଜନଗରର ବୟସ୍କା ପରିଚାରିକା କାମକଳାକୁ ଗ୍ରହଣ କରିଛନ୍ତି । ସେ ନବଘନବାବୁଙ୍କ ପୁଅ ଶରତ ଘରେ ପରିଚାରିକା ଭାବେ କାମ କରନ୍ତି । ଶରତ କଟକ ବଦଳି ହୋଇ ଆସୁଥିବାରୁ ତାଙ୍କ ପିଲା ଛୁଆକୁ ଦେଖିବା ପାଇଁ ତାଙ୍କୁ ଅଣାଯାଇଛି । କାମକଳା ସୁଧାକରର ପରିଚୟ ପାଇଥିଲା ନବଘନବାବୁଙ୍କ ଠାରୁ, ପୁଣି ଭଞ୍ଜନଗରରୁ କାମକଳା ଆସୁଥିବାରୁ ଗୋପୀ ଭାଇ, ରମା ଅପା ସମସ୍ତେ ଚିନ୍ତିତ କାରଣ ସୁଧାକର କାମକଳା ପ୍ରତି ରସିକ ହେଲେ ପୁଣି ଛବି କଥା ଭୁଲିଯିବ । କିନ୍ତୁ ତାହା ହୋଇନାହିଁ ବରଂ ସୁଧାକରକୁ ଠିକ ରାସ୍ତାକୁ ଆଣିଛନ୍ତି କାମକଳା । ଜିପ ଆସିଗଲା । ସୁଧାକର ନବଘନ ବାବୁଙ୍କ ପାଖରୁ ଖବର ପାଇଲା କିନ୍ତୁ ଦୁଆର ମୁହଁରେ ଠିଆ ହୋଇ ମନକୁ ମନ କହିହେଉଥାଏ; ମୁଁ ଯିବି ? କୁଆଡ଼େ ଯିବ ! ଜିପ୍ ପାଖକୁ ? ନାଇଁ ନାଇଁ- ସେଇ ଜିପ୍‌ରେ କାମକଳା ଆସିଛି- ମୁଁ ସେଠିକି ଯିବି କେମିତି ? ଭଗବାନ ! ମତେ ବୁଦ୍ଧି ଦିଅ- ମୁଁ କ'ଣ କରିବି ? ସିଏ ନ ଆସିଥିଲେ ଭଲ ହେଇଥାନ୍ତା । କାମକଳା- ଏଇ ନାଁଟିକୁ ସମ୍ବଳ କରି ମୁଁ ରହିଥାନ୍ତି । ଆସିଲା କାହିଁକି- ମତେ ଏ ହଇରାଣ କଲା କାହିଁକି ? ମୋର ତ ମୋଟେ ସାହସ କୁଳଉନି ତା ପାଖକୁ ଯିବାକୁ । କ'ଣ କରିବି ? ସିଏତ ଏଇନେ ମାଡ଼ି ଆସିବ- କେମିତି ଭେଟିବି ତାକୁ ? ଗୋଟାଏ ପାନିଆ କି ଦି ଗଜ' ରିବନ କିଣି ପାରିଲି ନାହିଁ- କେମିତି ଭେଟିବି, କ'ଣ ତାକୁ କହିବି ? ସେଇ ଗୀତ ପଦକ ଗାଇବି... "କାମକଳା ବାଳା...." ଉହୁଁ- ହଉନି- ଗଳା ବସି ଯାଇଛି । କ'ଣ କରିବି ପ୍ରଭୁ... ଏ କ'ଣ ! ମତେ କାହିଁକି କାନ୍ଦ ମାଡୁଛି !! ଭଞ୍ଜନଗରରୁ ମୋର ଛାନ୍ଦ ନାୟିକା କାମକଳା ଆସିଲା– ମତେ କାନ୍ଦ ମାଡୁଚି କାହିଁକି ? କାନ୍ଦୁଥାଏ, ହସି ହସି ଛବି ଆସିଲା ।

କାମକଳା ଥିଲା ସୁକୁମାରୀ । ପାଚିଲା ଆମ୍ବପାରି ଗୋରା ତକ୍ ତକ୍ ଦେହ । ପଞ୍ଚଷଠି ବର୍ଷର ବୃଦ୍ଧା । କିନ୍ତୁ କର୍ମକୁଶଳା ଓ କର୍ମଚଞ୍ଚଳା । କଥା କହିଲେ ଯେମିତି ଝଣ୍‌ଝଣ୍ କଂସା ପିଟା ଶବ୍ଦ ହେଉଥାଏ ମୁହଁରେ ସଦା ହସହସ ଭାବ । କାମକଳା ପାଇଁ ଫେରିବାଲା ପାଖରୁ ଅଳତା, ସିନ୍ଦୂର, ଆଇନା, କଂଟା ପାନିଆ ଓ କିଲିପ୍ ଆଦି କିଣିଲି । ସୁଧାକରର ମଧ୍ୟ ଚାକିରି ହୋଇଯିବାର ଆଶା ଅଛି, କାରଣ ଶରତବାବୁ କଟକ ବଦଳି ହୋଇ ଆସୁଛନ୍ତି । କାମକଳା ଆସି ପ୍ରଥମେ ସୁଧାକରକୁ ଖୋଜିଛି । ପଦାକୁ ବାହାରିଆ (ଝଣ୍‌ଝଣ୍ ସ୍ୱରରେ) ଏଁ- ଘରଟା ଭିତରେ କାହିଁକି ପଶିଚୁ । ପଦାକୁ ବାହାରିଆ... ମାଇଚିଆ । ସେ ପାଖରେ ଲୋକଗହଳି ଭାଙ୍ଗି ପଡୁଚି ତୁ ଏଠି ଘର ଭିତରେ ଲୁଚିଚୁ- ଆ ଏଠିକି । ଯେମିତି ଭୟଭୀତ ଅବସ୍ଥାରେ ସୁଧାକର ଆସିଲା । ଖାଲି ବୋକାଙ୍କ ପରି ଚାହିଁ ରହିଥାଏ । ସେଇ ଅବସ୍ଥାରେ ସୁଧାକର କାମକଳାକୁ ନମସ୍କାର କଲା । କାମକଳା ଖିଲିଖିଲି ହୋଇ ହସିଉଠିଲା । ସୁଧାକର ବାହୁକୁ ଧରି ତୁ ତାହା ହେଲେ ସୁଧାକର !! କିରେ, ମୋ ମୁହଁକୁ ଏମିତି ବଲବଲ କରି ଅନେକ ଛୁ କ'ଣ ? ମୋତେ ଚିହ୍ନି ପାରୁନୁ ? ମୁଁ ପରା କାମକଳା । ସୁଧାକର ରହି ରହି ଧୀର ଗଳାରେ ମୁହଁ ତଳକୁ କରି ଭଞ୍ଜନାୟିକା... ? କାମକଳା ହସହସ ମୁହଁରେ ଖତେଇ ହେଲା ଭଳି କହିଛି- ଭଞ୍ଜନାୟିକା ନୁହଁରେ ଓଲୁ- ଭଞ୍ଜନଗରରୁ ମୁଁ ଆସିଚି, କାମକଳା ! କ'ଣ- ପରତେ ହଉନି ! ହାତରେ ମୋର ଚିତାକୁଟା ହୋଇ ମୋ ନାଁ ଲେଖା ହୋଇଛି- କାମକଳା ! ପଢ଼ିଲୁଟି ? ...କିରେ, ତୁ ଏମିତି ମୁହଁ ଶୁଖେଇ ଦଉଚୁ କାହିଁକିରେ ? କ'ଣ ତୋତେ ତୁ' ତା କରୁଚି ବୋଲି ! ତୁ ନକହି କ'ଣ ତମେ ଆପଣ କହିବି ? ତୋ ବଅସ କେତେ ହବ କହିଲୁ ? ଅଠର କି କୋଡ଼ିଏ ! ଏଇ ଗଲା ପଅର ଦିନ ପରା ମୋ ନାତିକୁ ସତର ପୁରି ଅଠର ଚାଲିଲା । (ହସିଲା) ଏହି ସମୟରେ ଗୋପୀ ତା ସ୍ତ୍ରୀ ଏକାନ୍ତରେ କରି କଂସାପିଟା ହସ ହସିଲେ । କାମକଳା କହିଲା- ଘରେ ତ ମୋ ନାତିନାତୁଣୀଙ୍କୁ ଛାଡ଼ି ଆସିଲି- ଏଠି ତୁ ଜାଣ ମୋ ନାତି ହେଲୁ । ହଇରେ, ତୁ ବୋକା ପାଲଟିଗଲୁଣି କି ? କିଛି କହୁନୁ କାହିଁକି ? ଜାଣିଚୁ, ଏମିତି ଦିନେ ମୋ ବଡ଼ ନାତି ରଷି ବସିଲା- ତାକୁ ମାଇଲି ଏମିତି ଖୁନ୍ଦାଏ ଯେ... । ସୁଧାକରକୁ ଖୁନ୍ଦାମାରି ଖିଲି ଖିଲି ହସି ଉଠିଲା । କ'ଣ- ମୋତେ ହସି ହସି କଥା କହିବୁନା ପୁଣି ଏ ଗାଲରେ ଖୁନ୍ଦାଏ ଦେବି ! ଏ ସମୟରେ ଛବି ଆଗେଇ ଆସି ସୁଧାକରକୁ ଖୁନ୍ଦା ନ ମାରିବାକୁ କହିଛି !

କାମକଳା ପଚାରିଛି ଛବିକୁ ତୁ କିଏଲୋ ? ଛବି କହିଛି- ମୁଁ ପରା ଛବି । ଛବିର ପରିଚୟ ପାଇ କାମକଳା କହିଛି- ଆଲୋ ତୁ ଛବି ? କେଡ଼େ ସୁନ୍ଦରିଆଟି ହେଇଚୁ ଲୋ ! ବୁଢ଼ାବାବୁ ତୋରି କଥା ତ କହୁଥିଲେ । ହଉ, ସୁଧାକର ମୋ ନାତି ହେଲେ ତୁ ମୋର କ'ଣ ହେବୁ କହ ? ତା ପାଇଁ ତ ଖୁନ୍ଦା ମନା କଲୁ- ମୋ ହାତରୁ ତୁ ତା ହେଲେ ଖୁନ୍ଦାଏ ଖା । ସୁଧାକର ମଧ୍ୟ ଛବିକୁ ଖୁନ୍ଦା ନ ମାରିବାକୁ କହିଛି କାରଣ କାମକଳାର ଖୁନ୍ଦାଭାରି ଟାଣ । ଏହି ସମୟରେ କାମକଳା ଖୁବ୍ ମଧୁର ହସି କହିଛି, ସତେ ! ମୋ ନାତିର ମୁହଁ 'ଟିଚି ତା' ହେଲେ । (ହସୁଥାଏ) ।[୩]

ସୂକ୍ଷ୍ମବିଚାର ନାଟକଟିରେ ଦୁଇଜଣ ଚରିତ୍ରର ପରିଚୟ ମିଳିଥାଏ । ଚଣ୍ଡୀଚରଣ ମଉସା ଓ କେବଳରାମ । ଗୋଟିଏ ଦିନ ଚଣ୍ଡୀଚରଣ ମଉସା ସଙ୍ଗେ କେବଳରାମର ଆଳାପର ସୂତ୍ରପାତ ଘଟେ, ଏହି ସମୟରେ କେବଳରାମ ଜିଜ୍ଞାସା କରିଥିଲେ, ମଉସା, ଭଲ ଅଛନ୍ତି ? ମାନେ କ'ଣ ? ଏହାପରେ କେବଳରାମ ଏହାର ଉତ୍ତରରେ କହିଲେ, ଆପଣ ସୁସ୍ଥ ଅଛନ୍ତି ? ଚଣ୍ଡୀଚରଣ ମହାଶୟ ପ୍ରଶ୍ନ କଲେ, ତା'ର କି କିଛି ଧାରଣା ଅଛି, ସ୍ୱାସ୍ଥ୍ୟ କାହାକୁ କୁହନ୍ତି ? ତା'ପରେ କେବଳରାମ ଆହୁରି ସ୍ୱଷ୍ଟ କରି ଚଣ୍ଡୀଚରଣ ମହାଶୟଙ୍କୁ କହିଲେ, ସେ ଜିଜ୍ଞାସା କରୁଥିଲେ ଚଣ୍ଡୀଚରଣ ମହାଶୟର ଶରୀର-ଗତିକୁ । ଏହି ଜଟିଳ ପ୍ରଶ୍ନ ବିଶ୍ଳେଷଣ କରି ଚଣ୍ଡୀଚରଣ ମହାଶୟ କହିଲେ, ମୁଁ କେମିତି ଅଛି ଓ ମୋର ଶରୀର କେମିତି ଅଛି, ଏହି କଥା ଦୁଇଟି କ'ଣ ସମାନ ହେଲା ? ଏହାର ଉତ୍ତରରେ ବେଶି ମୁଣ୍ଡ ନ ଖେଳାଇ ସେ କେବଳରାମଙ୍କୁ ଜିଜ୍ଞାସା କଲେ, ମୁଁ କିଏ ? କେବଳରାମ ତାର ଉତ୍ତରରେ କହିଲେ, ଆଜ୍ଞା, ଆପଣ ତ ଚଣ୍ଡୀଚରଣ ବାବୁ । ତା' ପରେ ଚଣ୍ଡୀଚରଣ ତା'ର ପ୍ରଶ୍ନକୁ ଭିତ୍ତିକରି ଉତ୍ତରରେ କହିଲେ, ସେ ବିଷୟରେ ଗୁରୁତର ତର୍କ ଉଠିପାରେ । ବହୁ ବାଦାନୁବାଦ ପରେ ଚଣ୍ଡୀଚରଣ ଗୋଟିଏ ଜଟିଳ ପ୍ରଶ୍ନ ତାଙ୍କୁ ଜିଜ୍ଞାସା କଲେ, ନାମ ଜିନିଷଟି କି ? ନାମ କାହାକୁ କୁହାଯାଏ ? ବହୁ ଚିନ୍ତା ପରେ କେବଳରାମ କହିଲେ, ନାମ ହେଉଛି ମଣିଷର ପରିଚୟ । ଚଣ୍ଡୀଚରଣ କେବଳରାମର ଉତ୍ତର ପ୍ରତି ତୀକ୍ଷ୍ଣ ଜବାବ ଦେଇ କହିଲେ, ନାମ କି ମଣିଷର କେବଳ ଅଛି, ଅନ୍ୟ ପ୍ରାଣୀର ନାହିଁ ? ନାମ ପ୍ରତିଟି ମଣିଷ, ପ୍ରାଣୀ ଛଡ଼ା ବିଭିନ୍ନ ବସ୍ତୁ, ଅବସ୍ତୁର (ଶବ୍ଦ, ସ୍ୱାଦ, ବର୍ଣ୍ଣ) ଏବଂ ମନୁଷ୍ୟର ମନୋବୃତ୍ତି ହୃଦୟ ବୃତ୍ତି ଏବଂ ଅନ୍ତର ଓ ବାହାରର ଯାବତୀୟ ପରିବର୍ତ୍ତନରେ ଭିନ୍ନଭିନ୍ନ ଅବସ୍ଥାର ନାମ ଅଛି । ଏହାପରେ ଚଣ୍ଡୀଚରଣ 'ଏବଂ' କହିବାକୁ ଯିବା ସମୟରେ କେବଳରାମ କାତର ହୋଇ କହିଲେ 'ଏବଂ ନକହି' ଏଠାରେ ଗୋଟାଏ 'ଇତ୍ୟାଦି ଲଗାଯାଉ- ନା' । ତାପରେ ଚଣ୍ଡୀଚରଣ ଜିଜ୍ଞାସା କଲେ, ଏତେ କ୍ଷଣ ପର୍ଯ୍ୟନ୍ତ ମୁଁ ଯାହା ପଚାରୁଥିଲି, ତାହା ପରିଷ୍କାର କରି 'ନାମ' ବିଷୟକ କଥାଟିକୁ କେବଳରାମ କହିବାକୁ ଯାଇ ମଥାରେ ହାତ କୁଣ୍ଡାଇ କୁଣ୍ଡାଇ କହିଲା- ପରିଷ୍କାର ହେବକି ନାହିଁ କହିପାରୁନି, ଚେଷ୍ଟା କରେ । 'ନାମ' ହେଉଛି ମଣିଷର ଏବଂ ଅନ୍ତରର ଯାବତୀୟ ହୃଦୟବୃତ୍ତିର, ନା ନା ଯାବତୀୟ ଭିନ୍ନ ଭିନ୍ନ କିମ୍ବା ପରିବର୍ତ୍ତନ ଓ ଅବସ୍ଥାର ଭିନ୍ନ ଭିନ୍ନ ଯାବତୀୟ- ଏ ମୁସ୍କିଲ ହେଲା ! କୌଣସି ପ୍ରକାରେ ବି ସଜାଡ଼ି କହି ପାରୁନାହିଁ । ଗୋଟିଏ କଥାରେ ନାମ ହେଉଛି ମଣିଷ ଏବଂ ପ୍ରାଣୀର ପରିଚୟର ଉପାୟ । ପୁଣି ଚଣ୍ଡୀଚରଣର ପ୍ରଶ୍ନ- ପରିଚୟ କାହାକୁ କୁହାଯାଏ ? ଏହାର ଉତ୍ତର ଦେବାକୁ ଯାଇ କେବଳରାମ ଯୋଡ଼ହସ୍ତରେ କହିଲେ, ଭିନ୍ନ ଭିନ୍ନ ପଦାର୍ଥର ପ୍ରଭେଦ ଅବଗତ ହୋଇ ସେମାନଙ୍କୁ ସ୍ୱତନ୍ତ୍ର କରି ଜାଣିବାକୁ ପରିଚୟ କୁହାଯାଏ । ପୁଣି ଚଣ୍ଡୀଚରଣ ଜିଜ୍ଞାସା କଲେ, ତୁମେ କି ଏହି ଉଲ୍ଲେଖିତ ବକ୍ତବ୍ୟଟିକୁ ଅସ୍ୱୀକାର କରୁଛ ? କେବଳରାମ ନିଃସନ୍ଦେହରେ କହିଲେ ମୁଁ କ'ଣ, କାହାର ବି ସାଧ୍ୟ ନାହିଁ ବାକ୍ୟଟିକୁ ଅସ୍ୱୀକାର କରିବାକୁ । ଏତେ ବଡ଼ ଦୁଃସାହସୀ କେହି ନାହାନ୍ତି । ଚଣ୍ଡୀଚରଣ ମହାଶୟ କହିଲେ, ଠିକ୍ ଅଛି, ନାମ ହିଁ ଯଦି ପରିଚୟର ଉପାୟ ହୁଏ ତାହେଲେ କ'ଣ ଚେହେରା ପରିଚୟର ଉପାୟ ନୁହଁ । ଆଉ ମୋର ଅନ୍ୟାନ୍ୟ ଲକ୍ଷଣ ଗୁଡ଼ିକ- ? କେବଳରାମ କହିଲେ, ଆଜି ସମ୍ପୂର୍ଣ୍ଣ ବୁଝିଛି ନାମ କାହାକୁ କହନ୍ତି ତା'ର ନାମଗନ୍ଧ ଜାଣିନି, ଆପଣ କହି ଦିଅନ୍ତୁ । ଏହାକୁ ଚଣ୍ଡୀଚରଣ ଖୁବ ସହଜ ସୁନ୍ଦର ଭାବରେ ବୁଝାଇବାକୁ ଯାଇ କହିଲେ, ଭାଷା ଦ୍ୱାରା ସ୍ୱତନ୍ତ୍ର ପଦାର୍ଥର ସ୍ୱାତନ୍ତ୍ର୍ୟ ନିର୍ଦ୍ଦିଷ୍ଟ କରିବାର ଗୋଟିଏ କୃତ୍ରିମ ଉପାୟକୁ କୁହାଯାଏ ନାମକରଣ । ଏହି ନାମକରଣର ସଂଜ୍ଞାକୁ ଅସ୍ୱୀକାର ନ କରିବାକୁ ଯାଇ କେବଳରାମ କହିଲା ତର୍କର ଅନୁରୋଧରେ କାହିଁକି, ବାବାର ଅନୁରୋଧ ବି ଅସ୍ୱୀକାର କରି ପାରିବିନି । ଏହାର ଗୋଟିଏ ଅଂଶ ବା ଗୋଟିଏ ଅକ୍ଷର ବି ଅସ୍ୱୀକାର କରି ପାରିବିନି । ଚଣ୍ଡୀଚରଣ ଆହୁରି ଜୋର୍ ଦେଇ କହିଲେ, କୃତ୍ରିମ କଥାଟି ସମ୍ବନ୍ଧରେ ନାନା ତର୍କ ଉଠିପାରେ । ସକଳ ତର୍କ ଦୂର କରି ଚଣ୍ଡୀଚରଣ ନାଁର ମୀମାଂସା କରିବା ପାଇଁ କେବଳରାମ ହତାଶ ଭାବରେ କହିଛି ଆପଣଙ୍କ ନାମ ଆପଣ ମୀମାଂସା କରନ୍ତୁ, ମୋତେ ଭୋକ ଲାଗୁଛି । ଚଣ୍ଡୀଚରଣ ମହାଶୟ କହିବାନୁସାରେ

ତାଙ୍କର ସହସ୍ର ନାମ ଅଛି, କେଉଁଟି ତୁମେ ଶୁଣିବାକୁ ଚାହଁ ? ଏହି ପ୍ରଶ୍ନର ଉତ୍ତରରେ କେବଲରାମ କହିଛି, ଯେଉଁଟି ଆପଣ ସବୁଠାରୁ ବେଶି ପସନ୍ଦ କରନ୍ତି । ଚଣ୍ଡୀଚରଣ ମହାଶୟ ଏହାର ଜଟିଳ ବିଶ୍ଲେଷଣ କରି କହିଲେ, ପ୍ରଥମେ ବିଚାର କରିବାକୁ ହେବ କାହା ସହିତ ମୋର ପ୍ରଭେଦ ଜାଣିବାକୁ ଚାହଁ – ଯଦି ପଶୁର ସହିତ ମୋର ପ୍ରଭେଦ ନିର୍ଦ୍ଦେଶ କରିବାକୁ ଚାହଁ, ତାହେଲେ ମୋର ନାମ 'ମଣିଷ' । ଯଦି ଶ୍ୱେତ ପୀତ ପଦାର୍ଥ ସହିତ ମୋର ପ୍ରଭେଦ ଜାଣିବାକୁ ଚାହଁ ତେବେ କେବଲରାମ କହିବାନୁସାରେ ମୋର ନାମ- କଳା । ଚଣ୍ଡୀଚରଣ ବିଚାରରେ ସେ ନିଜେ 'କଳା' ନୁହନ୍ତି 'ଶ୍ୟାମଳ' । ଯଦି ପିଲା ସହିତ ପ୍ରଭେଦ ଜାଣିବାକୁ ଚାହଁ ତେବେ ମୋର ନାମ 'ବୁଢ଼ା' ନୁହଁ, 'ମଧ୍ୟବୟସୀ' । କେବଲରାମ ଏହି କଥା ଶୁଣିବା ପରେ ଚଣ୍ଡୀଚରଣ ମହାଶୟଙ୍କୁ ଜିଜ୍ଞାସା କଲେ, ଚଣ୍ଡୀଚରଣ କାହାର ନାମ ମଉସା ? ସେ ଏହି ପ୍ରଶ୍ନର ଜବାବ ଦେଇ କହିଲେ, ଗୋଟିଏ ମଣିଷ ମଧ୍ୟରେ, ଗୋଟିଏ ଉଜ୍ଜ୍ୱଳ ଶ୍ୟାମବର୍ଣ୍ଣ ମଣିଷ ବିଶେଷର ମଧ୍ୟରେ, ଗୋଟିଏ ପୂର୍ଣ୍ଣ ପରିଣତ ମଣିଷ ମଧ୍ୟରେ ତା'ର ଜନ୍ମକାଳରୁ ଆଜି ପର୍ଯ୍ୟନ୍ତ ଯେଉଁ ସକଳ ପରିବର୍ତ୍ତନ ଅହରହ ସଂଘଟିତ ହେଉଛି ଏବଂ ମୃତ୍ୟୁକାଳ ପର୍ଯ୍ୟନ୍ତ ହେବାର ସମ୍ଭାବନା ଅଛି, ସେହି ପରିବର୍ତ୍ତନ ଓ ପରିବର୍ତ୍ତନ ସମ୍ଭାବନାର କେନ୍ଦ୍ରସ୍ଥଳରେ ଯେଉଁ ଗୋଟିଏ ସଜ୍ଞାନ ଐକ୍ୟ ବିରାଜ କରୁଛି ତାକୁ ଗୋଟିଏ ଦଳ ଲୋକ ଅର୍ଥାତ୍ ସେହି ଲୋକମାନଙ୍କର ସଜ୍ଞାନ ଐକ୍ୟ ଚଣ୍ଡୀଚରଣ ନାମରେ ନିର୍ଦ୍ଦେଶ କରନ୍ତି । ଏହି ସମୟରେ କେବଲରାମ କହିଲା ଅତ୍ୟନ୍ତ କ୍ଷୁଧାନୁଭବ ହେଉଛି, ଆଉ ଆହାରବି ପ୍ରସ୍ତୁତ ହୋଇଯାଇଛି । ଏହା ଶୁଣି ଚଣ୍ଡୀଚରଣ ମହାଶୟ ହାତ ଚାପିଧରି ରାଗରେ କହିଲେ, ଅସଲ କଥାଟିର କିଛିବି ମୀମାଂସା ହୋଇନି । ସମସ୍ତେ ଆମେମାନେ ସମସ୍ତେ ତା'ର ଭୂମିକା କରୁଛେ ମାତ୍ର । ତୁମେ ଜିଜ୍ଞାସା କରୁଥିଲ ମୁଁ ଭଲ ଅଛି କି ନା । ଏବେ ପ୍ରଶ୍ନ କେବଲରାମକୁ ଚଣ୍ଡୀଚରଣଙ୍କର, ତୁମେ କି ଜାଣିବାକୁ ଚାହଁ ମୋର ଅନ୍ତର୍ଗତ ପ୍ରାଣୀ କେମିତି ଅଛି, ନା ମଣିଷ କେମିତି ଅଛି । ଏଠାରେ କେବଲରାମ ବୁଝିପାରିଛି ନିଜର ଅଜ୍ଞାନତାକୁ । ଏପରି ଅତ୍ୟନ୍ତ କଠିନ ପ୍ରଶ୍ନ ଜିଜ୍ଞାସା କରିଥିବାରୁ କେବଲରାମ ଚଣ୍ଡୀଚରଣ ପାଖରେ କହିଛି, ଏବେ ଅନୁତାପରେ ଏବଂ ପେଟର କ୍ଷୁଧାରେ ଦଗ୍ଧ ହୋଇଛି । ଆହାରର ପୂର୍ବେ ଏ ପ୍ରକାର ପ୍ରଶ୍ନ ମୁଁ କେବେ ଆପଣଙ୍କୁ ଜିଜ୍ଞାସା କରିବି ନାହିଁ । ଚଣ୍ଡୀଚରଣ ମହାଶୟ ତା'ର ଏହି କଠିନ ପ୍ରଶ୍ନର ଜବାବ ଦେଇ କହିଲେ, ପ୍ରଥମେ ଭଲମନ୍ଦ କାହାକୁ କୁହାଯାଏ, ତାହା ଜାଣିବା ପ୍ରୟୋଜନ । ଏହା ପରେ ସ୍ଥିର କରିବାକୁ ହେବ ତାଙ୍କର (ଚଣ୍ଡୀଚରଣ) ସମ୍ବନ୍ଧରେ ଭଲ ବା କ'ଣ ଆଉ । ତା'ପରେ ବର୍ତ୍ତମାନ ଯାହା ଭଲ ତାକୁ ଦେଖିବାକୁ ପରାମର୍ଶ ଦେଲେ । କେବଲରାମ ମଉସାଙ୍କ ପାଦ ଧରି କାତର ହୋଇ କହିଛି, ବର୍ତ୍ତମାନ ମୋତେ ଛୁଟି ଦିଅନ୍ତୁ । ବରଂ ଆପଣ କେମିତି ଅଛନ୍ତି ଏଇ ଅତ୍ୟନ୍ତ କଠିନ ପ୍ରଶ୍ନର ଉତ୍ତର ଆପଣ କେବେ ଦେଇପାରିବେ ଗୋଟିଏ ଦିନ ସ୍ଥିର କରି ଦିଅନ୍ତୁ- ମୁଁ ଯେ ନିତାନ୍ତ ବ୍ୟସ୍ତ ହୋଇଛି ତା ନୁହଁ- ଯଦିବା ଉତ୍ତର ପାଇବାକୁ କିଛିଦିନ ଡେରି ହେବ, ଯଦିବା ଉତ୍ତର ନ ମିଳିଲା । କିନ୍ତୁ ଆଜି ମୋର ଅପରାଧ କ୍ଷମା କରନ୍ତୁ, ଭବିଷ୍ୟତରେ ମୁଁ ସତର୍କ ହେବି ।[୪]

ଏହିପରି ହାସ୍ୟରସାତ୍ମକ ରୀତିରେ ରଚିତ ଉଭୟ ନାଟକ ବେଶ୍ ସ୍ପୃହଣୀୟ । ହାସ୍ୟ, ବ୍ୟଙ୍ଗ ଓ କୌତୁକ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ନାଟ୍ୟକାରଙ୍କ ଲକ୍ଷ୍ୟ । ସାମ୍ପ୍ରତିକ ସମୟର ସମାଜରେ ଦେଖାଯାଉଥିବା ରସିକ ଭାବବିହ୍ୱଳ ଯୁବକ ଓ ଠିକ୍ ଭୁଲ୍ ବିଚାର କରିପାରୁ ନଥିବା ଯୁବକମାନଙ୍କ ଉଦ୍ଦେଶ୍ୟରେ ସଚେତନତାର ବାର୍ତ୍ତା ନାଟ୍ୟକାର ଏହି କାମକଳା ଓ ଚଣ୍ଡୀଚରଣ ଚରିତ୍ର ମାଧ୍ୟମରେ ଦେଖାଇବାର ପ୍ରୟାସ କରି ସଫଳ ହୋଇଛନ୍ତି । ଏଭଳି ଏକ ସାଧାରଣ ପ୍ରସଙ୍ଗକୁ ସୂକ୍ଷ୍ମ ରଚନାତ୍ମକ ଭଙ୍ଗୀରେ ନାଟ୍ୟକାର ଯେଉଁ ସାହିତ୍ୟିକ ମୂଲ୍ୟ ପ୍ରଦାନ କରିଛନ୍ତି ତାହା ଯେମିତି ପ୍ରଭାବଶାଳୀ ସେମିତି ପାଠକ ଉପଯୋଗୀ ।

**ସହାୟକ ଗ୍ରନ୍ଥସୂଚୀ:**


୧. ଛୋଟରାୟ ଶ୍ରୀ ଗୋପାଳ, ହାସ୍ୟରସର ନାଟକ, ଗ୍ରନ୍ଥ ମନ୍ଦିର, କଟକ-୨, ପ୍ରଥମ ପ୍ରକାଶ-୧୯୮୧, ପୃଷ୍ଠା-୬୩ ।

୨. ତତ୍ରୈବ, ପୃଷ୍ଠା-୬୪ ।

୩. ତତ୍ରୈବ, ପୃଷ୍ଠା-୬୭-୬୮ ।

୪. ଠାକୁର ରବୀନ୍ଦ୍ରନାଥ, ସୂକ୍ଷ୍ମ ବିଚାର, ପ୍ରଥମ ପ୍ରକାଶ-୧୮୮୭,ପୃଷ୍ଠା-୧-୪ ।



**ସହକାରୀ ପ୍ରାଧ୍ୟାପକ**

**ଓଡ଼ିଆ ବିଭାଗ**

**ବିଶ୍ୱଭାରତୀ ଶାନ୍ତିନିକେତନ, ପଶ୍ଚିମବଙ୍ଗ**